## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା। ସ୍ଥାନ-ବିଜୁ ପଟ୍ଟନାୟକ ପାର୍କ, ସମୟ-ଅପରାହ୍ନ ୪ ଟା।

## ସଂକ୍ଷେପରେ

### ଗଞ୍ଜାମ ଜିଲା: ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ପାର୍

ବ୍ରହ୍ମପୁର,୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଡେଇଁଛି। ଏବେ ସୁଦ୍ଧା ଜିଲ୍ଲାରୁ ୧୦୩ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇ ସାରିଲେଣି। ଜିଲାରେ ଶୁକ୍ରବାର ସୁଦ୍ଧା ଡେଙ୍ଗୁ ପଜିଟିଭ୍ ୯୯ ରହିଥିଲା। ଏକା ଥରକେ ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ପଜିଟିଭ୍ ସଂଖ୍ୟା ୧୦୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୬୬ଜଣ ବାହାର ଜିଲା ଓ ରାଜ୍ୟରୁ ଆକ୍ରାନ୍ତ ହୋଇ ଆସିଥିବା ସ୍ୱାସ୍ଥ୍ୟ ବିଭାଗର ରେକର୍ଡ଼ରୁ ଜଣାପଡ଼ିଛି। ଏଯାବତ ଜିଲାରେ ୩ହଜାର୧୪୫ ନମୁନା ପରୀକ୍ଷା ହୋଇ ସାରିଲାଣି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାର କାଜୁଆଲଟି ପ୍ରଥମ ମହଲାରେ ସ୍ୱତନ୍ତ୍ର ୱାର୍ଡ଼ କରାଯାଇଛି। ଜିଲାରେ ଯେଉଁ ଅଞ୍ଚଳରେ ଡେଙ୍ଗୁ ଚିହ୍ନଟ ହେଉଛନ୍ତି, ସେଠାକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ସ୍କ୍ରିନିଂ କରୁଛନ୍ତି। ଏହା ସହିତ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମା ନରଖିବାକୁ ସଚେତନ କରି ପରିବେଶ ସଫାସୁତରା ରଖିବାକୁ କୁହାଯାଉଛି।

### ଅଟୋକୁ ଧକ୍କା ଦେଲା ଟ୍ରକ୍, ୭ ଛାତ୍ରୀଛାତ୍ର ଆହତ

ଖଲ୍ଲିକୋଟ,୧।୧୦(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିଡ଼ାମୂଳ ଛକରେ ଏକ ଯାତ୍ରୀବାହୀ ଅଟୋ ପଛକୁ ଟ୍ରକ ଧକ୍କା ଦେବାରୁ ୭ ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ରବିବାର ସକାଳେ କେଶପୁରରୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ଏକ ଅଟୋକୁ ୧୬ ନମ୍ବର ଜାତୀୟ ରାଜପଥର ହରିଡ଼ାମୂଳ ଛକରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଅଟୋରେ ଥିବା ୫ ଜଣ କଲେଜ ଛାତ୍ରୀ ଓ ୨ ଜଣ ଛାତ୍ର ଆହତ ହୋଇଥିଲେ। ଖଲ୍ଲିକୋଟ ଥାନା ଏସଆଇ ହିମାଂଶୁ ଶେଖର ପାତ୍ର ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଟ୍ରକ୍କୁ ଖଲ୍ଲିକୋଟ ଥାନାରେ ଅଟକ ରଖାଯାଇଛି।

### ଆଇଜର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୧।୧୦ (ସ୍ମୃତି ରଞ୍ଜନ ମହାଲିକ)

ଆଇଜର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇଜର ସ୍ଥାୟୀ କ୍ୟାମ୍ପସ ନିକଟସ୍ଥ ଲାଉଡି ପଞ୍ଚାୟତର ଗାରମପେଟା ଗ୍ରାମରେ ଶିକ୍ଷାନୁଷ୍ଠାନର ବହୁ ଛାତ୍ରୀଛାତ୍ରୀ, କର୍ମକର୍ତ୍ତା ଓ ସମସ୍ତ କର୍ମଚାରୀ ମିଳିତ ଭାବେ ସଫେଇ କରିଥିଲେ। ଗ୍ରାମବାସୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକକ୍ରମରେ ଆଇଜର କୁଳସଚିବ ପ୍ରଦୀପ କୁମାର ରାୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ ମାଝି, ସହକାରୀ କୁଳସଚିବ କୋରଡା ମଞ୍ଜୁନାଥ ଓ ଧର୍ମେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଗଞ୍ଜାମରେ ଶାସକ, ବିରୋଧୀଙ୍କ ନିର୍ବାଚନୀ ପ୍ରସ୍ତୁତି

ବ୍ରହ୍ମପୁର,୧।୧୦(ନରସିଂହ ସାହୁ)

ସାଧାରଣ ନିର୍ବାଚନ ପାଇଁ ଏବେଠୁ ଗଞ୍ଜାମ ଜିଲାରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଶାସକ ବିଜେଡି ସଙ୍ଗଠନକୁ ଆହୁରି ଅଧିକ ଶକ୍ତିଶାଳୀ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛି। ବିଜେଡିକୁ ଟକ୍କର ଦେବା ନିମନ୍ତେ ମୁଖ୍ୟ ବିରୋଧୀ ଦଳ ଭାଜପା ମଧ୍ୟ ସଜବାଜ ହେଉଛି। ତେବେ ସର୍ବପୁରାତନ କଂଗ୍ରେସ ଦଳ ଏ କ୍ଷେତ୍ରରେ ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଗାନ୍ଧୀ ଜୟନ୍ତୀରୁ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରିବା ସହ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ଜୋରଦାର କରିବ। ଜିଲାର ସମସ୍ତ ୧୩ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହା ଅନୁଷ୍ଠିତ ହେବ।

ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର

**ଜିଲାରେ ଭୁଶୁଡ଼ି ଯାଇଛି କଂଗ୍ରେସ ସ୍ଥିତି**

ଚ୍ୟାଉ ପଟ୍ଟନାୟକ କହିଛନ୍ତି, ୨୦୧୯ ନିର୍ବାଚନରେ ଦଳ ଜିଲାର ୧୨ଟି ବିଧାନସଭା ଆସନ ହାତେଇଥିଲା। କେବଳ ସାନଖେମୁଣ୍ଡି ଆସନ ଖସି ଯାଇଥିଲା। ୨୦୨୪ ନିର୍ବାଚନରେ ସେହି ଆସନ ଛଡ଼ାଇ ଆଣିବା ଲକ୍ଷ୍ୟ ରଖାଯାଇଛି। ଜିଲାରେ ଶତ ପ୍ରତିଶତ ସଫଳତା ହାସଲ ପାଇଁ ଏବେଠୁ ପ୍ରୟାସ ଆରମ୍ଭ କରାଯାଇଛି। ଅପରପକ୍ଷରେ ଗୋପାଳପୁର ବିଧାୟକ ଅଢ଼େଇ ବର୍ଷ ତଳୁ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ସେଠାରେ ନୂଆ ଚେହେରା ପ୍ରାର୍ଥୀ ହେବେ। ସେହିପରି ଦିଗପହଣ୍ଡି ବିଧାୟକଙ୍କ ପରଲୋକ ଯୋଗୁ ସେଠାରେ ମଧ୍ୟ ନୂଆ ପ୍ରାର୍ଥୀ ଲଢ଼ିବେ। ସଭାପତି ତଥା ମୁଖ୍ୟମନ୍ତ୍ରୀ ଯାହାଙ୍କୁ ପ୍ରାର୍ଥୀ କରିବେ ତାଙ୍କ ଜିତାପଟ ଲାଗି ସବୁ କର୍ମୀ ଓ ନେତା ଲାଗିପଡ଼ିବେ। ଆଉ କେତେକ ନିର୍ବାଚନ ମଣ୍ଡଳୀରେ ବିବାଦ ଦେଖାଦେଇଥିବା ସତ୍ତ୍ୱେ ତା'ର ଆଲୋଚନା ଦ୍ୱାରା ସମାଧାନ କରାଯିବ ଏବଂ ବିଜେଡିର ବିଜୟ ସୁନିଶ୍ଚିତ ବୋଲି ଜିଲା ସଭାପତି ଆଶାବାଦୀ ଅଛନ୍ତି।

ଭାଜପା ପକ୍ଷରୁ ମଧ୍ୟ ବିଜେଡିକୁ ମୁକାବିଲା ନିମନ୍ତେ ରଣନୀତି ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ପ୍ରଚାର ବିଭିନ୍ନ ମଣ୍ଡଳରେ ଚାଲିଛି। ଇତିମଧ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ପଦାଧିକାରୀ ଏକାଧିକ ଥର ଜିଲା ଗସ୍ତରେ ଆସି ନେତା ଓ କର୍ମୀଙ୍କୁ ମନ୍ତ୍ର ଫୁଙ୍କିଛନ୍ତି। ସଂଗଠନ ବଢ଼ିଥିବା ଚିକିଟି, ପୋଲସରା ଓ ସୋରଡ଼ାକୁ ଅଧିକ ଫୋକସ କରାଯାଇଛି।

ସୂଚନାଯୋଗ୍ୟ, ଅତୀତରେ ଏହି ଜିଲା କଂଗ୍ରେସର ଦୁର୍ଗ ହୋଇଥିଲା। ଆଞ୍ଚଳିକ ଦଳ ବିଜେଡି ଗଠନ ପରେ କଂଗ୍ରେସର ସ୍ଥିତିରେ ରସାତଳଗାମୀ ହେବାରେ ଲାଗିଛି। ବିଜେଡି ରାଜନୀତି ଆରମ୍ଭ ପରେ ପ୍ରଥମ ୨୦୦୦ ନିର୍ବାଚନରେ ସୋରଡ଼ା ଓ ଜଗନ୍ନାଥପ୍ରସାଦରୁ କଂଗ୍ରେସ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୦୪ ନିର୍ବାଚନରେ ଗୋପାଳପୁରରୁ କଂଗ୍ରେସ ଜିତିଥିଲା। ୨୦୦୯ ନିର୍ବାଚନରେ ନୂଆ ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡିରୁ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସ ୧୩ ନିର୍ବାଚନ ମଣ୍ଡଳୀରେ ପରାଜିତ ହୋଇଥିଲା। ୨୦୧୯ ନିର୍ବାଚନରେ ମଧ୍ୟ ସେହି ସାନଖେମୁଣ୍ଡି କଂଗ୍ରେସ ଦଖଲକୁ ଯାଇଛି। ଆଗାମୀ ନିର୍ବାଚନରେ କଂଗ୍ରେସ ସ୍ଥିତି କଣ ହେବ ସେନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ଅମ୍ଳାନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ନଗର ପରିକ୍ରମା କରୁଛନ୍ତି।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ବ୍ରହ୍ମପୁର,୧।୧୦(ସ୍ମୃତି ରଞ୍ଜନ ମହାଲିକ)

ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସଂଘ ସଭାପତି ପ୍ରଫେସର ଭାସ୍କର ପାଢ଼ୀଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକମାନେ ନଗର ପରିକ୍ରମା କରିଥିଲେ। ଏହାପରେ ଲାଞ୍ଜିପଲ୍ଲୀସ୍ଥିତ ଦିବ୍ୟ ଜୀବନ ସଂଘ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ବରିଷ୍ଠ ନାଗରିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଏଥିସହ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ କୁମାର ମିଶ୍ର, ଶିବରାମ ପାଣିଗ୍ରାହୀ, ପ୍ରଫେସର ଅରୁଣ କୁମାର ପଣ୍ଡା, ଚିତ୍ତ ରଞ୍ଜନ ସାହୁ, ଦିବାକର ପାତ୍ର, ବିଭୂତି ଭୂଷଣ ବେହେରାଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

# ବାଇକ୍ ଜବତ, ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ବ୍ରହ୍ମପୁର,୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

**ପୂର୍ବତନ ମେୟରଙ୍କ ଗାଡ଼ିକୁ ବୋମାମାଡ଼ ଘଟଣା**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି)ର ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଗାଡ଼ି ଉପରକୁ ଗତ ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ଏଥିରେ ପିଣ୍ଟୁ, ତାଙ୍କ ପୁଅ ଓ କିଛି ସହଯୋଗୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବୋମାଟି ଗାଡ଼ିର ସମ୍ମୁଖ ଭାଗରେ ବାଜି କାଚ ଭାଙ୍ଗି ଯାଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ୨୭୬/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଘଟଣାର ଦୁଇ ଦିନ ପରେ ବି ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଯାହାକି ଏବେ ଚାଲେଞ୍ଜ ହୋଇପଡିଛି।

ପ୍ରାଥମିକ ତଦନ୍ତରୁ ୨ଜଣ ଦୁର୍ବୃତ୍ତ ଆସିଥିବା, ସେମାନଙ୍କ ମଧ୍ୟରୁ ଜଣେ ବୋମାମାଡ଼ କରିବା ପରେ ଦୁହେଁ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ପୋଲିସ ସୂଚନା ଦେଇଥିଲା। ପିଣ୍ଟୁ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ଜଣେ ବୋମା ଫିଙ୍ଗିଥିବା ବେଳେ ଅନ୍ୟ ଜଣେ ବନ୍ଧୁକ ଧରି ଛିଡ଼ା ହୋଇଥିଲେ। ପରେ ଦୁହେଁ ଦୌଡ଼ି ପଳାଇଥିଲେ ବୋଲି ଖବରଦାତାଙ୍କୁ ସେ ପ୍ରତିକ୍ରିୟା ଦେଇଥିଲେ। ୨ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢ଼ଉ ଜାରି ରହିଛି। ଘଟଣାସ୍ଥଳରୁ ଗୋଟିଏ ବାଇକ ଜବତ କରାଯାଇଥିବା ସୂଚନା ମିଳିଛି। ଉକ୍ତ ବାଇକ ନମ୍ବର ଟ୍ରାକିଂ ବେଳେ ତାହା ଏକ ଚୋରି ଗାଡ଼ି ବୋଲି ଜଣାପଡ଼ିଛି। ପୂର୍ବତନ ମେୟର୍ ପିଣ୍ଟୁ ତାଙ୍କ ସାନପୁଅଙ୍କୁ ଡାକ୍ତର ଦେଖାଇ ଘରକୁ ଗାଡ଼ି (ଓଡି ୦୭ଇ-୧୧୧୧)ରେ ଫେରୁଥିବା ବେଳେ ରାତି ପ୍ରାୟ ୧୧ଟାରେ ଗୋଷାଣିନୂଆଗାଁ ସାନମଠ ପାଖରେ ଦୁର୍ବୃତ୍ତ ତାଙ୍କୁ ଜୀବନରେ ମାରି ଦେବାପାଇଁ ଗାଡ଼ି ଉପରକୁ ବୋମାମାଡ଼ କରିଥିଲେ। ଏଭଳି ପ୍ରାଣାନ୍ତକ ଆକ୍ରମଣ ୨୦୧୮ରେ ମଧ୍ୟ ତାଙ୍କୁ ହୋଇଥିଲା। ସହରର କେତେଜଣ ନାମୀ ବ୍ୟକ୍ତି ସେମାନଙ୍କ ରାଜନୈତିକ ଓ ବ୍ୟାବସାୟିକ ସ୍ୱାର୍ଥ ସିଦ୍ଧି ପାଇଁ ପେସାଦାର ଅପରାଧୀଙ୍କ ଦ୍ୱାରା ତାଙ୍କୁ ହତ୍ୟା କରିବା ପାଇଁ ଆକ୍ରମଣ କରିଛନ୍ତି ବୋଲି ପିଣ୍ଟୁ ଏତଲାରେ ଦର୍ଶାଇଛନ୍ତି।

# ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ବ୍ରହ୍ମପୁର,୧।୧୦(ତନୁଶ୍ରୀ ନାହାକ)

**ମହାମାୟୀ ମହିଳା ମହାବିଦ୍ୟାଳୟ**

ମହାମାୟୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ପ୍ରଥମ ବର୍ଷ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା କବିତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବାଣୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଫରାସୀ ବିପ୍ଳବ ସମ୍ପର୍କିତ ସନ୍ଦର୍ଭ ଉପସ୍ଥାପନ ହୋଇଥିଲା। ପଞ୍ଚମ ସେମିଷ୍ଟାରର ଛାତ୍ରୀ ଏବୋଦିତା ଦାସ, ଅପର୍ଣ୍ଣା ସାହୁ ଓ ଅନ୍ୟମାନେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପଟ୍ଟନାୟକ ଓ ଅଧ୍ୟାପକ ଶଙ୍କର ରାଉତ ଛାତ୍ରୀଙ୍କ ସନ୍ଦର୍ଭ ବିଶ୍ଳେଷଣ କରିଥିଲେ। ବିଭାଗର ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଦ୍ୱିତୀୟ ଓ ଶେଷ ବର୍ଷ ଛାତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେମାନଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ହୋଇଥିଲା। ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଯୁବ ସଙ୍ଗଠନର ବୈଠକ

ବ୍ରହ୍ମପୁର,୧।୧୦(ସ୍ମୃତି ରଞ୍ଜନ ମହାଲିକ)

ଓମ୍ ବିହାର ପ୍ରଥମ ଲେନ ଏକ୍ସଟେନସନଠାରେ ରବିବାର ଓମ୍ ବିହାର ଯୁବ ସଙ୍ଗଠନ ଓ ଶକ୍ତି ନଗର ସ୍ୱେଚ୍ଛାସେବୀ ଯୁବ ସଂଗଠନର ମିଳିତ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଉମାଶଙ୍କର ସାହୁ ସଭାପତିତ୍ୱ କରିଥିଲେ। ଓମ ବିହାର ଅଞ୍ଚଳରେ ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ଷ୍ଟ୍ରିଟ ଲାଇଟ ସମସ୍ୟା ସମାଧାନ, ଓମ ବିହାର, ଶକ୍ତି ନଗର ଓ ଗଦାଧର ନଗର ଅଞ୍ଚଳରେ ବିଦ୍ୟୁତ ସରବରାହକୁ ୩ ଫେଜ କରିବା, ହଳଦିଆପଦର ଓଭର ବ୍ରିଜରେ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାଟି କାର୍ଯ୍ୟକ୍ଷମ କରାଯିବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଜଗନ୍ନାଥ ମହାରଣା, ଉପଦେଷ୍ଟା ସରୋଜ ରଞ୍ଜନ ମହାରଣା, ପ୍ରଭାକର ସାହୁ, ହଳଦିଆପଦର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ପ୍ରବୀଣ କୁମାରଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।

# ବିଆର୍ଏମସିଏସ୍ ବେନିୟମ କାର୍ଯ୍ୟର ତଦନ୍ତ ଦାବି

ବ୍ରହ୍ମପୁର,୧।୧୦(ନରସିଂହ ସାହୁ)

ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆର୍ଏମସିଏସ)ର ସଂଖ୍ୟାଧିକ ନିର୍ବାଚିତ ନିର୍ଦ୍ଦେଶକଙ୍କ ଜରୁରୀ ବରାଦୀ ବୈଠକ ମହୁରୀ କାଳୁଆ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଉପସଭାନେତ୍ରୀ ଜୟନ୍ତୀ ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏହି ପୁରାତନ ସମବାୟ ଅନୁଷ୍ଠାନରେ ଏକାଧିକ ଅନିୟମିତା କାର୍ଯ୍ୟ ହୋଇଥିବା ଅଭିଯୋଗ କରାଯାଇଛି। ଦୀର୍ଘ ୮ ମାସ ହେବ ପରିଚାଳନା ପରିଷଦ ବୈଠକ ହୋଇ ନ ଥିବା ଏବଂ ପରିଷଦର ଅନୁମୋଦନ ନ ଥାଇ ଆର୍ଥିକ କାରବାର ହୋଇଥିବା କୁହାଯାଇଛି। ଏଥିପାଇଁ ସମିତିର ସଭାପତିଙ୍କୁ ଟାର୍ଗେଟ କରାଯାଇଛି।

ନିର୍ଦ୍ଦେଶକ ସୁରେଶ ସାହୁ, ଦଣ୍ଡପାଣି ସାହୁ, ସନ୍ତୋଷ ଚୌଧୁରୀ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି ଗତ ଫେବୃୟାରୀ ୨୨ରେ ଅନୁଷ୍ଠିତ ବୈଠକରେ ପାରିତ ହୋଇଥିବା ନିଷ୍ପତ୍ତିଗୁଡ଼ିକ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ। ସମିତିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ୧୦ ମାସର ଦରମା ମିଳିନାହିଁ। ବିଆରଏମସିଏସର ବିଭିନ୍ନ ସ୍ଥାନରେ ଥିବା ୨୩ଟି ଗୋଦାମ ଘରରୁ ଆଦାୟ ହୋଇଥିବା ବହୁ ଲକ୍ଷ ଟଙ୍କା ହିସାବ ଦିଆଯାଉନି। ବ୍ୟାଙ୍କରେ ଜମା କରାଯାଇନାହିଁ। ଏହା ରହସ୍ୟ ଘେରକୁ ଆସିଥିବା ବରାଦୀ ବୈଠକରେ ଉପସ୍ଥିତ ଥିବା ୮ ନିର୍ଦ୍ଦେଶକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ତୁରନ୍ତ ତଦନ୍ତ ପାଇଁ ଦାବି କରାଯାଇଛି। ବିଜେଡି ସମର୍ଥିତ ନିର୍ଦ୍ଦେଶକମାନେ ଏହି ବିଷୟ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ସମବାୟ ବିଭାଗର ନିବନ୍ଧକ, ବ୍ରହ୍ମପୁର ଉପନିବନ୍ଧକ, ଜିଲା ପ୍ରଶାସନ ଓ ଅନ୍ୟମାନଙ୍କୁ ଅବଗତ କରାଇଛନ୍ତି। ସମବାୟ ନିୟମ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର



ଅତିଥିମାନେ ସନ୍ଦର୍ଭକୁ ଉନ୍ମୋଚନ କରୁଛନ୍ତି।

ଭଞ୍ଜନଗର, ୧।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେବା ସହ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ପ୍ରାଧ୍ୟାପକ ବିଭାସ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଫକୀର ମୋହନଙ୍କ ସାହିତ୍ୟରେ ସମକାଳୀନ ସମାଜ ଚିତ୍ର ଉପରେ ଲିଖିତ ଦୁଇଟି ସନ୍ଦର୍ଭକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଛାତ୍ର କାହ୍ନୁ ନାୟକ, ଲଳିତ ବେହେରା ସନ୍ଦର୍ଭ ଦୁଇଟିକୁ ପଠନ କରିଥିବା ବେଳେ ଅଧ୍ୟାପିକା ରୋଜାଲିନ ମହାରଣା, କଳ୍ପନା ଷଣ୍ଢ ସହଯୋଗ କରିଥିଲେ। ଅଧ୍ୟାପିକା ଦୀପାଶ୍ରୀ ମହାପାତ୍ର ଅତିଥିମାନଙ୍କୁ ସାଗତ କରିଥିବା ବେଳେ ଅଧ୍ୟାପକ ଦିଗନ୍ତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋଷାଣୀ ନୂଆଗାଁରେ ସ୍ୱଚ୍ଛତା ଅଭିଯାନ

ବ୍ରହ୍ମପୁର,୧।୧୦(ନରସିଂହ ସାହୁ)

ବ୍ରହ୍ମପୁର ଭାଜପା ପକ୍ଷରୁ ରବିବାର ଗୋଷାଣି ନୂଆଗାଁରେ ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ସ୍ୱଚ୍ଛତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇବା ପରିପ୍ରେକ୍ଷୀରେ ପାର୍ଟିର କାର୍ଯ୍ୟକର୍ତ୍ତା, କର୍ମୀ ଓ ଅଞ୍ଚଳବାସୀଙ୍କୁ ନେଇ ଗୋଷାଣି ନୂଆଗାଁର ଅନେକ ଅଞ୍ଚଳରେ ପଦଯାତ୍ରା କରାଯାଇ ଜନଜାଗରଣ ସୃଷ୍ଟି କରାଯାଇଥିଲା। ପରିବେଶ ସ୍ୱଚ୍ଛ ରଖିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗଞ୍ଜାମ ସାଙ୍ଗଠନିକ ଜିଲା ଉପସଭାପତି ସୁନୀଲ କୁମାର ସାହୁ, ରାମ କୁମାର ପାତ୍ର, ଡ଼ା. ସୁବାସ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ସମ୍ପାଦିକା ସୁଶିଳା ମଲିକଙ୍କ ସମେତ ମଦନମୋହନ ପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସବିତା ନାୟକ, ରବି ନାରାୟଣ ସାବତ, ଯୁବମୋର୍ଚ୍ଚା ନେତା ତୁତୁନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗୋଷାଣି ନୂଆଗାଁ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

# ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସ୍ୱଚ୍ଛ ରଖିବାକୁ ଶପଥ




ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କୁଳପତି,ଏନ୍ଏସ୍ଏସ୍ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ।

ବ୍ରହ୍ମପୁର,୧।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସଏସ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ଅଧିକାରୀ ଡ଼.ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ହୋଇଥିଲା। ଗୋଟିଏ ପରିବାର ଗୋଟିଏ ଘଣ୍ଟା ଓ ଗୋଟିଏ ଲକ୍ଷ୍ୟ ଏହି ସ୍ଲୋଗାନକୁ କ୍ୟାମ୍ପସ ଓ ଭଞ୍ଜବିହାର ବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦାଶଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ମିଳିତ ଭାବେ କ୍ୟାମ୍ପସ ପରିସରରୁ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନା ସଫେଇ କରିଥିଲେ। ଶେଷରେ କ୍ୟାମ୍ପସ ପରିସରକୁ ସର୍ବଦା ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା ନିମନ୍ତେ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ଼.ଇତିଶ୍ରୀ ଗୀତା କୁମାରୀ, ଡ଼.ଶଙ୍କର୍ଷଣ ମଲ୍ଲିକ ଓ ଶକ୍ତିରଞ୍ଜନ ଦାସ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ଆମର ଦାୟିତ୍ୱ

ଛତ୍ରପୁର,୧।୧୦ (ଦିଲୀପ ସାମଲ)

ସାମାଜିକ ସୁରକ୍ଷା ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବରିଷ୍ଠ ନାଗରିକ ମାନେ ହେଉଛନ୍ତି ସମାଜର ଅମୂଲ୍ୟ ସମ୍ପଦ। ସେମାନଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ଆମର ଦାୟିତ୍ୱ ବୋଲି କହିଥିଲେ । ଗଞ୍ଜାମ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ସିଡିଏମଓ ଅଫିସର ଡାକ୍ତର ହରମୋହନ ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ କଲ୍ୟାଣୀ ଦାସ ଓ ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ ନାଗରିକମାନଙ୍କ ଉପରେ ବିଭିନ୍ନ ମତ ପ୍ରକାଶ କରିଥିଲେ। ଛତ୍ରପୁର ୟୁରୋ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ଉପରେ ଏକ ଡ୍ରାମା ପରିବେଶଣ କରାଯାଇଥିଲା । ପୂର୍ବରୁ ଏହି ଦିବସ ଅବସରରେ ବିଭିନ୍ନ ସ୍କୁଲସ୍ତରରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

